# Akashvani, Sambalpur

## SAMBALPURI NEWS EVENING BULLETIN

**8 January 2026 - 7.02 pm- 7.12 pm.**

*********************************************

୧- ଓଡ଼ିଶା ହାଇକୋର୍ଟ ସହେତେ ସମ୍ବଲପୁର ଆଉ ଦେବଗଡ଼ କୋର୍ଟକେ ବୋମା ଧମକ୍ ଘଟ୍‌ନାର୍ ତଦନ୍ତ ନିର୍ଦ୍ଦେଶ୍ ଦେଲେ ମୁଖ୍ୟମନ୍ତ୍ରୀ ।

୨- ରାଏଜେ ସୁଭଦ୍ରା ଯୋଜ୍‌ନାର୍ ହିତାଧିକାରୀମାନ୍‌ଙ୍କୁ ଇ ହପ୍ତା ଦିଆଯିବା ସାହାଜ୍ ଟଙ୍କା- କହେଲେ ଉପମୁଖ୍ୟମନ୍ତ୍ରୀ ।

୩- ଅନୁଗୁଳ-ତାଲଚେର ଶିଳ୍ପାଂଚଲ୍ ନ ବାୟୁ ପ୍ରଦୂଷଣ ସମସ୍ୟାର ସ୍ଥାୟୀ ସମାଧାନ ଲାଗି କେନ୍ଦ୍ରମନ୍ତ୍ରୀ ଆଉ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ଆଉର୍

୪- ସାରା ରାଏଜେ ଲାଗି ରହିଛେ ଜାଡ଼ । ଆଏବା ଦୁଇ ହପ୍ତା ତକ୍ ନାଇ ବଦ୍‌ଲେ ପାଗ୍ ।

ବୋମା ଧମକ I&PR/ ସମ୍ବଲପୁର

ଓଡ଼ିଶା ହାଇକୋର୍ଟ ସହେତେ ସମ୍ବଲପୁର ଆଉ ଦେବଗଡ଼ ଜିଲ୍ଲା କୋର୍ଟକେ ଇ-ମେଲ୍ ଜରିଏ ବୋମା ଧମକ ମିଲ୍‌ବାର୍ ଘଟ୍‌ନା ଉପ୍‌ରେ କଡ଼ା ନଜର୍ ରଖ୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଲିସ ପ୍ରଶାସନକେ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍‌ସହେତେ ବୋମା ଧମକ ଦେଇଥିବା ଅଭିଯୁକ୍ତମାନ୍‌ଙ୍କୁ ଖୁଜିକରି ବାହାର୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ରାଜ୍ୟର୍ କୋର୍ଟମାନ୍‌କେ ଆସିଥିବା ବୋମା ଧମକ୍ ଇ-ମେଲ୍ ମିଥ୍ୟା ଆଏ ବଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ । ଆଇନମନ୍ତ୍ରୀ କହିଛନ୍, ମୁଖ୍ୟମନ୍ତ୍ରୀ ଘଟ୍‌ନାର୍ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ । ପୁଲିସ୍ ଆଉ ଭିନ୍ ଭିନ୍ ସ୍କ୍ୱାର୍ଡ୍‌ର ଯାଂଚ୍ ଉତ୍‌ରୁ କୋର୍ଟମାନ୍‌କେ କାମ୍ ସ୍ୱାଭାବିକ୍ ହେଇଛେ । ବୋମା ଧମକ୍‌କେ ନେଇକରି ଆତଙ୍କିତ୍ ନାଇ ହେବାର୍ ଲାଗି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଲୁକ୍‌କୁ ପରାମର୍ଶ ଦେଇଛନ୍ ।

(ଭଏସ-ପୃଥ୍ୱୀରାଜ ହରିଚନ୍ଦନ)

ଘଟ୍‌ନା ବାବ୍‌ଦେ ଆଡ୍‌ଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କର ସଙ୍ଗେ କଥା ହେଇଛନ୍ । କୋର୍ଟ ପରିସର ପୁରାପୁରି ସୁରକ୍ଷିତ୍ ଅଛେ ବଲି ଶ୍ରୀ ଆଚାର୍ଯ୍ୟ ଗଣମାଧ୍ୟମକେ ସୂଚ୍‌ନା ଦେଇଛନ୍ ।

(ଭଏସ୍- ପୀତାମ୍ବର ଆଚାର୍ଯ୍ୟ)

ସେଆଡ଼େ ବୋମା ଧମକ୍ ଘଟ୍ନା ଉତ୍ରୁ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ଘଟ୍ନାର୍ ତଦନ୍ତ ଲାଗି ନିର୍ଦ୍ଦେଶ୍ ଦେଇଛନ୍ । ସାରା ରାଏଜେ ଇହାଦେ ପୁଲିସ୍ ତରଫୁ କଡ଼ା ଯାଂଚ୍ ଚାଲିଛେ ।

ସୂଚ୍ନା ଅନ୍ସାରେ କଟକ ହାଇକୋର୍ଟ, ସମ୍ବଲପୁର, ଦେବଗଡ଼ କୋର୍ଟ ସହେତେ ଦେଶର୍ ବହୁତ୍ଟେ କୋର୍ଟକେ ଆଏଜ୍ ସଖାଲ୍ବେଲା ବୋମା ଧମକ୍ ଆସିଥିଲା । ଧମକ୍ ଆସ୍ବାର୍ ଉତ୍ରୁ ପୁଲିସ ପ୍ରଶାସନ ତରଫୁ ତୁର୍ତି ପଦକ୍ଷେପ୍ ନିଆଯାଇଥିଲା । ସଙ୍ଗେ ସଙ୍ଗେ କୋର୍ଟ ପରିସରନୁ ବିଚାରପତି ଆଉ ଆଇନଜୀବୀମାନ୍ଙ୍କୁ ଖାଲି କରାଯାଇଥିଲା । ସନ୍ଧାନୀ କୁକୁର ଆଉ ବୋମା ନିଷ୍କ୍ରିୟକାରୀ ଦଲ୍ ପୁହୁଁଚିକରି ଛାନ୍ଭିନ୍ କରିଥିଲେ । ଆଖର୍ ପାଖର୍ ରାସ୍ତା ଘାଟ୍ ନ ଭିଲ୍ କଡ଼ାକଡ଼ି ଯାଂଚ୍ କରାଯାଇଥିଲା । ଲୁକେ ନାଇଁ ଡରିକରି ପୁଲିସ୍କେ ସହଯୋଗ୍ କର୍ବାର୍ ଲାଗି ଇ ଅବ୍ସରେ ଡିଜି ଓ୍ଵାଇ ବି ଖୁରାନିଆ ପରାମର୍ଶ ଦେଇଛନ୍ ।

କେଳୁଚରଣ ଜୟନ୍ତୀ I&PR

ପଦ୍ମ ବିଭୂଷଣ ଗୁରୁ କେଳୁଚରଣ ମହାପାତ୍ର ଜଗନ୍ନାଥ ସଂସ୍କୃତି, ମାହାରୀ ପରମ୍ପରା, ଶାସ୍ତ୍ରୀୟ ଆଉ ଲୋକକଳା ଜରିଏ

ତାଲ୍‌ମେଲ୍ ରଖିକରି ଓଡ଼ିଶୀ ନାଚ୍‌କେ ଶାସ୍ତ୍ରୀୟ ମାଏନ୍‌ତା ଦେଇଥିଲେ ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । ଭୁବନେଶ୍ୱର ନ ଥିବା ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ନ ହେଇଥିବା ସ୍ୱର୍ଗତ ମହାପାତ୍ରଙ୍କର ଜନମ୍ ଶତବାର୍ଷିକୀ ପାଲନ୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗ୍ ଦେଇକରି କହିଛନ୍, ଓଡ଼ିଶା, ଓଡ଼ିଆ ଆଉ ଓଡ଼ିଶୀର୍ ସଙ୍ଗମ୍ ହେଉଛନ୍ ଗୁରୁ କେଲୁଚରଣ ମହାପାତ୍ର । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କେଲୁଚରଣ ସ୍ମୃତି ଚିତ୍ରକଳା ଆଉ ଫଟୋ ଚିତ୍ର ପ୍ରଦର୍ଶନୀର୍ ଉଦ୍‌ଘାଟନ୍ କରିଛନ୍ । କାର୍ଯ୍ୟକ୍ରମ୍‌ଥି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଭିଲ୍ ସାମିଲ୍ ଥିଲେ ।

ସୁଭଦ୍ରା ସାହାଜ୍ I&PR

ରାଏଜେ ସୁଭଦ୍ରା ଯୋଜ୍‌ନାର୍ ହିତାଧିକାରୀମାନ୍‌ଙ୍କୁ ଇ ହପ୍ତା ସାହାଜ୍ ଟଙ୍କା ଦିଆଯିବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ । ଶ୍ରୀମତୀ ପରିଡ଼ା କହିଛନ୍, ଇ ଖେପେ ମୋଟ୍ ୪ ଲାଖ୍ ୫୭ ହଜାର ୬ ଶହ ୮୧ ଝନ୍ ହିତାଧିକାରୀ ଟଙ୍କା ପାଏବେ । ସେଥିର୍ ଭିତ୍‌ରୁ ୧ ଲାଖ୍ ୭୮ ହଜାର ୩ ଶହ ୯୮ ଝନ୍ ନୂଆ ହିତାଧିକାରୀ ସାମିଲ୍ ଅଛନ୍ । ସେନ୍ତା ପହେଲା ଆଉ ଦୁଇ ନମ୍ବର କିସ୍ତି ନୁ ବାଦ୍ ପଡ଼ିଥିବା ୨ ଲାଖ୍ ୫୫ ହଜାର ୨ ଶହ ୬୫ ଝନ୍

ହିତାଧିକାରୀଙ୍କୁ ଇ ଖେପେ ସାମିଲ୍ କରାଯାଇଛେ ବଲି ଶ୍ରୀମତୀ ପରିଡ଼ା କହିଛନ୍...

(ଭଏସ୍-ପ୍ରଭାତି ପରିଡ଼ା)

ଇ ଖେପ୍‌ଥି ସୁଭଦ୍ରା ହିତାଧିକାରୀମାନ୍‌ଙ୍କୁ ମୋଟ୍ ୨ ଶହ ୫୦ କୋଟି ଟଙ୍କା ସାହାଜ୍ ବଂଟାଯିବା ବଲି ଶ୍ରୀମତୀ ପରିଡ଼ା କହିଛନ୍ ।

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା I&PR

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜ୍‌ନାଥି ହିତାଧିକାରୀମାନ୍‌ଙ୍କୁ ଉପହାର ଦରବ୍ ଯୁଗେଇ ଦେବାର୍ ଲାଗି ମହିଳା ଆଉ ଶିଶୁ ବିକାଶ ବିଭାଗ୍ ଆଉ ହସ୍ତତନ୍ତ ବିଭାଗ୍ ଅଧିନ୍‌ଥି ଥିବା ଉତ୍କଳିକା ଆଉ ରାଜ୍ୟ ହସ୍ତଶିଳ୍ପ ନିଗମ୍ ଭିତ୍‌ରେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଯାଇଛେ । ଭୁବନେଶ୍ୱର ମହିଳା ଆଉ ଶିଶୁ ବିକାଶ ସମ୍ମିଳନୀ କକ୍ଷନ ହେଇଥିବା ବୁଝାମଣାପତ୍ର ସ୍ୱାକ୍ଷର୍ କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉପସ୍ଥିତ ଥିଲେ । ଇ ସହଯୋଗ୍ ଜରିଏ ମହିଳା କଲ୍ୟାଣକାରୀ ଯୋଜ୍‌ନାମାନ୍‌କୁ ସବୁ ହିତାଧିକାରୀଙ୍କର୍ ପାଖ୍‌କେ ପୁହୁଁଚାବାର୍ ସହେତେ ଓଡ଼ିଶାର ହସ୍ତଶିଳ୍ପ ଆଉ ହସ୍ତକଳା କ୍ଷେତ୍ରକେ ପୋସାହନ୍ ମିଲ୍‌ବା ବଲି ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ କହିଛନ୍ । ସୂଚ୍‌ନା ଅନ୍‌ସାରେ

କାର୍ଯ୍ୟକ୍ରମ ଜରିଏ ହିତାଧିକାରୀମାନ୍‌ଙ୍କୁ ବେଭାର୍ ଆଉ ଘର୍‌କର୍‌ନା ଦରବ୍ ଯୁଗେଇ ଦିଆଯିବା ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ-ପ୍ରଦୂଷଣ ଚିଠି ପି.ଆଇ.ପି.

ଅନୁଗୁଳ-ତାଲଚେର ଶିଳ୍ପାଂଚଲ୍ ନ ବାୟୁ ପ୍ରଦୂଷଣ ସମସ୍ୟାର ସ୍ଥାୟୀ ସମାଧାନ ଲାଗି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଏଜ୍ ନୂଆଦିଲ୍ଲୀ ନ କେନ୍ଦ୍ର ଜଙ୍ଗଲ, ପରିବେଶ ଆଉ ଜଲ୍‌ବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୁପେନ୍ଦ୍ର ଯାଦବ, କୁଇଲା ଆଉ ଖଣି ମନ୍ତ୍ରୀ ଜି. କିଷନ୍ ରେଡ୍ଡି ଆଉ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର୍ ଦୃଷ୍ଟି ଆକର୍ଷଣ କରିଛନ୍ । ଅଲଗ୍ ଅଲଗ୍ ଚିଠି ଜରିଏ ଶ୍ରୀ ପ୍ରଧାନ ଅନୁଗୁଳ ଆଉ ତାଲ୍‌ଚେର୍ ନ ବାୟୁ ଗୁଣବତା ସୂଚକାଙ୍କ ଗମ୍ଭୀର ସ୍ଥିତି ନ ଥିବାର୍‌ନୁ ଚିନ୍ତା ପ୍ରକାଶ କର୍‌ବାର୍ ସହେତେ ପ୍ରଦୂଷଣ ନିୟନ୍ତ୍ରଣ ନିୟମ୍‌କେ କଡ଼ାକଡ଼ି ଭାବେ ଲାଗୁ କରାଯିବାର୍, ଯାଂଚ୍ ବ୍ୟବସ୍ଥାକେ ବର୍‌କସ୍ କର୍‌ବା, ଶିଳ୍ପାଂଚଲ୍ ଆଉ ଖଣି କରିଡର୍ ଚାରିପାଖେ ବହୁତ୍‌ଟେ ଗଛ୍ ଲଗାବାର୍ ଲାଗି ପ୍ରସ୍ତାବ୍ ଦେଇଛନ୍ ।

ଆବାସ ଘର ବଂଟନ୍ ବୈଠକ୍ I&PR

ସୁଲଭ୍ ଘର୍ ପ୍ରକଳ୍ପର୍ ସ୍ଥିତି ସମୀକ୍ଷା କର୍‌ବାର୍ ସହେତେ ତିଆର୍ ସରିଥିବା ଘର୍‌ମାନ୍‌କର ଠିକ୍ ବଂଟନ୍ ଆଉ ବେଭାର୍ ଲାଗି ଆଏଜ୍ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ଗୃହ ଆଉ ନଗର ଉନ୍ନୟନ ବିଭାଗର୍ ପ୍ରମୁଖ ଶାସନ ସଚବି ଉଷା ପାଢ଼ୀଙ୍କର ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଘର୍ ବାଂଟ୍‌ବାର୍ ପ୍ରକ୍ରିୟା ସରଲ୍ କର୍‌ବାର୍ ଆଉ ଯୋଜନାବଦ୍ଧ ସହରୀ ବିକାଶ ଉପ୍‌ରେ ଜୋର୍ ଦିଆଯାଇଥିଲା । ଆବାସ୍ ପ୍ରକଳ୍ପମାନ୍‌କର ସୁପରିଚାଲ୍‌ନା ଲାଗି ପ୍ରମୁଖ ଶାସନ ସଚିବଙ୍କର ଅଧ୍ୟକ୍ଷତାଥି ଗୁଟେ ଉଚ୍ଚସ୍ତରର୍ କ୍ଷମତାପ୍ରାପ୍ତ କମିଟି ଗଠନ୍ ଲାଗି ନିଷ୍ପତି ନିଆଯାଇଛେ । ତିଆର୍ କାମ୍ ସରିଥିବା ଘର୍‌ମାନ୍‌କୁ ବାଂଟବାର ଲାଗି ବୈଠକ୍‌ଥି ଧାରିଜ୍ କରାଯାଇଛେ ।

ଭିତରକନିକା ମଗର ଗନ୍‌ତି          କେନ୍ଦ୍ରାପଡ଼ା ସମ୍ବାଦଦାତା

କେନ୍ଦ୍ରାପଡ଼ାର୍ ଭିତରକନିକା ଜାତୀୟ ଉଦ୍ୟାନ ନ ଆଏଜ୍‌ଠାନୁ ମଗର୍ ଗନ୍‌ତି ମୁଲ୍ ହେଇଛେ । ଇଥିର୍‌ଲାଗି ଆଏବା ୧୦ ତାରିଖ୍‌ତକ୍ ପର୍ଯ୍ୟଟକ୍‌ମାନ୍‌କର ଲାଗି ଭିତରକନିକା ଜାତୀୟ ଉଦ୍ୟାନ୍ ବନ୍ଦ ରହିଛେ ବଲି ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକର ସୂଚ୍‌ନା ଦେଇଛନ୍ ।

ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ନ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଲନ୍ ଲାଗି ଗୁଟେ ପ୍ରସ୍ତୁତି ବୈଠକ୍ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କର ଅଧ୍ୟକ୍ଷତାଥି ହେଇଯାଇଛେ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ, ସହରର ମିନି ଷ୍ଟାଡିୟମ୍ ନ ସାଧାରଣତନ୍ତ୍ର ଦିବସ ପରେଡ୍ ଆୟୋଜନ୍ କରାଯିବା । ସଖାଲର୍ ସାଢ଼େ ୮ ବଜେ ଜାତୀୟ ପତାକା ଉତୋଲନ୍ କରାଯିବା ।  ତାର୍ ଉତ୍‌ରୁ ଆନୁଷ୍ଠାନିକ୍ ପରେଡ୍ ଆଉ ଶାରୀରିକ କ୍ରୀଡ଼ା କୌଶଲ୍ ପ୍ରଦର୍ଶନ୍ କରାଯିବା । ଇ ଅବ୍‌ସରେ ଭିନ୍ ଭିନ୍ ବିଭାଗ୍ ତର୍‌ଫୁ ପ୍ରଜ୍ଞାପନ ମେଢ଼ ଭିଲ୍ ପ୍ରଦର୍ଶନ୍ କରାଯିବା ।

ସୁବର୍ଣ୍ଣପୁର ଲୋକ ମହୋତ୍ସବ        ସୁବର୍ଣ୍ଣପୁର ସମ୍ବାଦଦାତା

ସୁବର୍ଣ୍ଣପୁର ରାମେଶ୍ୱର ଷ୍ଟାଡିୟମ୍ ନ ଚାଲିଥିବା ସୁବର୍ଣ୍ଣପୁର ଲୋକ ମହୋତ୍ସବ ମହିମା-୨୦୨୬ଥି ଆଏଜ୍ ଦିନ୍‌ବେଲା ସାଇବର ଅପରାଧ ଆଉ ସୁରକ୍ଷା ଶୀର୍ଷକଥି ଗୁଟେ ଆଲୋଚନାଚକ୍ର ହେଇଥିଲା । ଆଲୋଚନାଚକ୍ରଥି ବରିଷ୍ଠ ପୁଲିସ ଅଧିକାରୀ ରେଣୁକା ସୁନା ଆଉ ସାଇବର ବିଶେଷଜ୍ଞ ଅଧ୍ୟାପକ ଆଶିଷ ଅଗ୍ରୱାଲ ଯୋଗ୍ ଦେଇକରି ସାଇବର  ଅପରାଧର ସ୍ୱରୂପ, ଆଇନ ବାବ୍‌ଦେ ଆଲୋଚନା କରିଥିଲେ । ଧନ୍ ଜୀବନ୍‌ର ସୁରକ୍ଷାକେ ନଜର୍‌ଥି ରଖିକରି ଇଛ୍‌ନିର୍ ସମିଆଥି

ସାଇବର ଅପରାଧନୁ ବଁଚ୍‌ବାର୍ ଲାଗି ସମ୍‌କୁ ସଜାଗ୍ ରହେବାର୍‌କେ ପଡ଼୍‌ବା ବଲି ଅତିଥିମାନେ ପରାମର୍ଶ ଦେଇଛନ୍ । ମହୋତ୍ସବର୍ ଦୁଇ ନମ୍ବର ଦିନେ ଆଏଜ୍ ସଞ୍ଜବେଲେ ରାଜ୍ୟ ଆଉ ରାଜ୍ୟ ବାହାରର୍ ଲୋକ କଲାକାର୍‌ଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ୍‌ଥି ମଚାନ୍ ଦୁଲ୍‌କି ଯାଇଥିଲା । ସେନ୍ତା ପଲ୍ଲିଶ୍ରୀ ମେଲାଥି ୨ ଶହ ୫୦ଟା ଷ୍ଟଲ୍ ଖୁଲା ଯାଇଥିବାର୍ ବେଲ୍‌କେ ରକମ୍ ରକମ୍ ଦରବ୍ ଘିନ୍‌ବାର୍ ଲାଗି ଲୁକ୍‌କର ଜବର୍ ଭିନ୍ ଜମୁଛେ ।

ମତ୍ସ୍ୟ, ପ୍ରାଣୀ ସମ୍ପଦ ମେଲା ଦେବଗଡ଼ ସମ୍ବାଦଦାତା

ଦେବଗଡ଼ ପ୍ରଧାନପାଟ ବଡ଼ବଗିଚାଠାନେ ଆଏଜ୍ ଜିଲ୍ଲାସ୍ତରୀୟ ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ ମେଲା ଉଦ୍‌ଘାଟିତ୍ ହେଇଯାଇଛେ । ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କର ଅଧ୍ୟକ୍ଷତାଥି ହେଇଥିବା ଉଦ୍‌ଘାଟନୀ ସମାରୋହଥି ପଂଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇଥିଲେ । କୃଷିର୍ ବିକାଶ ଲାଗି ରାଜ୍ୟ ସରକାର ଆନିଥିବା ଭିନ୍ ଭିନ୍ ଯୋଜ୍‌ନା ଆଉ ପଦ୍‌କ୍ଷେପ୍ ବାବ୍‌ଦେ ମନ୍ତ୍ରୀ ଶ୍ରୀ ନାଏକ କହେବାର୍ ସହେତେ ଚାଷୀମାନେ ସେସବୁର୍ ଲାଭ୍ ନେବାର୍‌କେ ପରାମର୍ଶ ଦେଇଥିଲେ । ମେଲାଥି ବିଭାଗର୍ ୨୭ଟା ଷ୍ଟଲ୍

ଖୁଲାଯାଇଛେ । ଇ ଅବ୍‌ସରେ ସଫଲ୍ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ୍ କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଜବର୍ ଶୀତ୍ ଲାଗି ରହିଛେ । ଆଏବା ଦୁଇ ହପ୍ତା ତକ୍ ପାଗ୍ ନାଇ ବଦ୍‌ଲେ ବଲି ଭାରତୀୟ ପାଣିପାଗ ବିଭାଗ ତର୍‌ଫୁ ଅନୁମାନ କରାଯାଇଛେ । ସେଆଡ଼େ ଆଏବା ୨୪ ଘଂଟା ଭିତ୍‌ରେ ଶୀତର୍ ପ୍ରଭାବ୍ ବଢ଼୍‌ବା ବଲି ୧୩ଟା ଜିଲ୍ଲାକେ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର୍ ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଗଲାକାଏଲ୍ ଭିଲ୍ ମୟୁରଭଞ୍ଜ ଜିଲ୍ଲାର୍ ଶିମିଳିପାଲ୍ ନ ତାପମାତ୍ରା ଶୂନ୍ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିଲା । ସେନ୍ତା ଫୁଲ୍‌ବାଣୀ ଆଉ ରାଉରକେଲାର ତାପମାତ୍ରା ୫ ଡିଗ୍ରୀ ଆଉ ୫ ଦଶମିକ ୧ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛେ ।